## ସଂକ୍ଷେପରେ

### ବକ୍ରପାଦ ଅସ୍ତ୍ରୋପ୍ରଚାର ଶିବିର



ମାଲକାନଗିରି,୧୮।୧୦(ଡି.ଏନ.ଏ.)- ମାଲକାନଗିରି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ପୁରୁଣା ମେଡିକାଲଠାରେ ବକ୍ରପାଦ ଅସ୍ତ୍ରୋପ୍ରଚାର ଶିବିର ଉଦ୍‌ଘାଟିତ ହୋଇଛି । ଏଥିରେ ଜିଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଉପ ଜିଲାପାଳ ଅକ୍ଷୟ୍ ଖେମୁଡୁ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଜିଲା ଶିକ୍ଷା ଅଧିକାରୀ ମାନସ ଜେନା, ଜିଲା ସାମାଜିକ ସୁରକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଅଞ୍ଚଳର ମାନସିକ ଅଗ୍ରସର, ବକ୍ରପାଦ ଥିବା ପିଲାଙ୍କୁ ନେଇ ଅଭିଭାବକମାନେ ମେଡିକାଲ ଆସିଥିବା ବେଳେ ବୁଧବାର ସେମାନଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡିଛି।

### ଦୁର୍ଘଟଣାରେ ଜଣେ ଗୁରୁତର

ମାଲକାନଗିରି, ୧୮।୧୦(ଡି.ଏନ.ଏ.)- କାର ଓ ବାଇକ ମୁହାଁମୁହିଁ ଧକ୍କା ହୋଇ ମଙ୍ଗଳବାର ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ମାଲକାନଗିରି ସଦର ବ୍ଲକ ଅନ୍ତ ଏମଭି-୭ ଗ୍ରାମର ହାରାଧନା ମଣ୍ଡଳ ନିଜର ପରିବାର ଲୋକଙ୍କୁ ନେଇ କୌଣସି ଏକ ସ୍ଥାନକୁ ଯାଇ ଫେରୁଥିବା ବେଳେ ସୀମାଗୁଡି ନିକଟରେ ଅପରପଟୁ ଆସୁଥିବା ବାଇକ ସହ କାର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। କାରଟି ମଧ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଛି। କାରରେ ବସିଥିବା ଯାତ୍ରୀଙ୍କ କୌଣସି କ୍ଷତି ହୋଇନାହିଁ।

### ଶୁଖିଆଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର,୧୮।୧୦(ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ଶୁଖିଆଗୁଡ଼ାରେ ଅବକାରୀ ଚଢ଼ାଉ ହୋଇଛି। ମଦ ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ କର୍ମଚାରୀ ଚଢାଉ କରିଥିଲେ। ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ବହୁ ମଦଭାଟି ଭାଙ୍ଗିବା ସହ କର୍ମଚାରୀମାନେ ୭ ଶହ ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି।

### ସ୍ୱାମୀଙ୍କ ବିରୋଧରେ ଥାନା ଦ୍ୱାରସ୍ଥ ହେଲେ ସ୍ତ୍ରୀ

ଜୟପୁର, ୧୮।୧୦(ନି.ପ୍ର.)- ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। କୋଟପାଡ ଥାନା ଅନ୍ତର୍ଗତ କୁସୁମୀର ତୋପଇ ସାହୁ ଏହି ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ନବୀନ ପ୍ରଧାନୀ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ୧୧୬/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ମଦ୍ୟପାନ କରି ବାଇକ୍ ଚଳାଇ ଜଣେ ଗିରଫ

ଜୟପୁର, ୧୮।୧୦(ନି.ପ୍ର.)- ମଦ୍ୟପାନ କରି ବାଇକ୍ ଚଲାଇବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ଗୁଣ୍ଡାଗୁଡା ଗ୍ରାମର ରତ୍ନାକର ଗୁମୁରିଆ। ପୋଲିସ ପକ୍ଷରୁ ଭୁତନାଥ ମନ୍ଦିର ନିକଟରେ ଗାଡ଼ି ଯାଞ୍ଚ ଚାଲିଥିବା ବେଳେ ରତ୍ନାକର ମଦ୍ୟପାନ କରି ବାଇକ ଚଲାଉଥିବା ଯାଞ୍ଚ ବେଳେ ଧରାପଡିଥିଲେ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଗଛ ତଳେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ମାଲକାନଗିରି,୧୮।୧୦(ଡି.ଏନ.ଏ.)

ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା କିପରି ଗ୍ରାମରେ ପହଞ୍ଚିବ ଏବଂ ଲୋକେ ଉପକୃତ ହେବେ ସେଥିପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରିଥାନ୍ତି। ମାତ୍ର ସ୍ଥାନୀୟ କେତେକ ଅଧିକାରୀଙ୍କ ଅବହେଳା ଯୋଗୁ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ରଗେଇପୁସପାଲି ଗ୍ରାମରେ ଲୋକଙ୍କୁ ମିଳିପାରୁନି ମୌଳିକ ସୁବିଧା । ଏହି ଗ୍ରାମରେ ୩୫ଟି ପରିବାରର ୨୦୦ ଜଣ ଲୋକ ବସବାସ କରନ୍ତି। ଗ୍ରାମକୁ ଯାତାୟାତ ଲାଗି ଏଯାଏ ଭଲ ରାସ୍ତାଟି ନାହିଁ । ଫଳରେ ଲୋକେ ଗାଁ ପାଖ ଦେଇ ଯାଇଥିବା ନାଳ ଓ ଚେକ ଡ୍ୟାମ୍ ହୁଡାରେ ଯାତାୟତ କରୁଛନ୍ତି। କେହି ଅସୁସ୍ଥ ହୋଇପଡିଲେ ଗ୍ରାମପାଖକୁ ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲରେ ପହଞ୍ଚିବା ଅସୁବିଧା ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମରେ ପିଇବା ପାଣି ସମସ୍ୟା ମଧ ରହିଛି। ଏଠାରେ ଦୁଇଟି ନଳକୂପ ରହିଥିବା ସତ୍ତ୍ୱେ ସେଥିରୁ ଗୋଟିଏରୁ ଅଳ୍ପ ପାଣି ବାହାରିବା ପରେ ଆଉ ପାଣି ଆସୁନାହିଁ। ଅନ୍ୟ ଗୋଟିଏ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଛନ୍ତି। ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଜଣେ ଅଙ୍ଗନୱାଡି କର୍ମୀ ଓ ଜଣେ ସହାୟକ ଅଛନ୍ତି। ୧୭ଜଣ ପିଲା ଆସୁଛନ୍ତି। ମାତ୍ର ଅଙ୍ଗନୱାଡି କେନ୍ଦ୍ରର ଗୃହଟିଏ ଏଯାଏ ନାହିଁ। ଫଳରେ କୁନି କୁନି ପିଲାଙ୍କୁ କର୍ମୀ ଜଣକ ନେଇ ଗ୍ରାମ ମଝିରେ ଥିବା ଗଛମୂଳେ ପାଠ ପଢାଇ କେନ୍ଦ୍ର ଚଳାଉଥିବା ଦେଖିବାକୁ ମିଳୁଛି। ବର୍ଷା ହେଲେ ଗ୍ରାମର ଜଣେ ଲୋକଙ୍କ ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଛି। ସେଠାରେ ପିଲାମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିବା କର୍ମୀ ଜରକ କହିଛନ୍ତି। ଏହି ଗ୍ରାମ ଦେଇ ପୁଜାରିଗୁଡା, କୁସୁରିଗୁଡା, ସିମାକୁଣ୍ଡା ଓ କାଳିଆମୁଣ୍ଡା ଆଦି ଗ୍ରାମର ଲୋକମାନେ ତାରଲାକୋଟା ପଞ୍ଚାୟତକୁ ନିଜ କାମ ପାଇଁ ଆସିଥାନ୍ତି। ରଗେଇ ପୁସପାଲି ଗ୍ରାମବାସୀ କୋରକୁଣ୍ଡା ବିଡିଓଙ୍କୁ ଦୁଇବର୍ଷ ତଳେ ଡାକି ଆଣି ଗ୍ରାମର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏଯାଏ ସେମାନଙ୍କ କୌଣସି ସମସ୍ୟା ସମାଧାନ ପ୍ରତି ବିଡିଓ ଗୁରୁତ୍ୱ ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ କୋରକୁଣ୍ଡା ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମର ସମସ୍ୟାଗୁଡିକ ସମାଧାନ କରାଯିବ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଅଙ୍ଗନୱାଡି କେନ୍ଦ୍ରର ସମସ୍ୟା ବୁଝି ଏହାର ତୁରନ୍ତ ସମାଧାନ କରିବାକୁ ସିଡିପିଓଙ୍କୁ କୁହାଯିବ ବୋଲି ପ୍ରକାଶ କରିଛନ୍ତି।

**ସମସ୍ୟା ଘେରରେ ରଗେଇପୁସପାଲି ଗ୍ରାମ**

- ୨ଟି ନଳକୂପରୁ ଗୋଟିଏରେ ଚଳୁଛନ୍ତି ଗ୍ରାମବାସୀ
- ନାଳ, ଚେକ ଡ୍ୟାମ୍ ହୁଡାରେ ଯାତାୟାତ କରୁଛନ୍ତି ଲୋକେ
- ସମସ୍ୟା ସମାଧାନ ନେଇ ପଦକ୍ଷେପ ନିଆଯିବ: ବିଡିଓ



ଗଛତଳେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ପିଲାମାନେ।

# ମୋବାଇଲ ପାଇଁ ଆତ୍ମହତ୍ୟା କଲେ ସ୍ତ୍ରୀ



ଚିକିତ୍ସାଧୀନ କନାଇ।

ମାଲକାନଗିରି,୧୮।୧୦(ଡି.ଏନ୍.ଏ.)

ମୋବାଇଲ କିଣାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ପରେ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହା ଦେଖି ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଅସୁସ୍ଥ ହୋଇପଡ଼ିଛନ୍ତି। ମାଲକାନଗିରି ଜିଲା ଏମ୍‌ପିଭି-୧୪ ଗ୍ରାମରେ ଏପରି ଦୁଃଖଦ ଘଟଣା ଘଟିଛି। ଖବରରୁ ଜଣାପଡିଛି, ଏହି ଗ୍ରାମର କନାଇ ମଣ୍ଡଳ ୧ବର୍ଷ ତଳେ ଜ୍ୟୋତିଙ୍କୁ ବିବାହ କରିଥିଲେ। ଉଭୟଙ୍କ ସଂସାର ସୁରୁଖୁରୁରେ ଚାଲିଥିଲା। ତେବେ ଜ୍ୟୋତି ଏକ ମୋବାଇଲ ଫୋନ ପାଇଁ କନାଇଙ୍କୁ କହିଥିଲେ। କନାଇଙ୍କ ଆର୍ଥିକ ସ୍ଥିତି ଏତେଟା ସ୍ୱଚ୍ଛଳ ନ ଥିବାରୁ ସେ କିଛି ମାସ ତଳେ ଏକ ଫାଇନାନ୍ସ ସଂସ୍ଥାରୁ ଋଣ ମାଧ୍ୟମରେ ଜ୍ୟୋତିଙ୍କ ପାଇଁ ଏକ ମୋବାଇଲ କିଣିଦେଇଥିଲେ। ଫାଇନାନ୍ସରେ ମୋବାଇଲ କିଣିବା କଥା ଜ୍ୟୋତି ଜାଣି ନ ଥିଲେ। ଇତିମଧ୍ୟରେ ମୋବାଇଲର ସମସ୍ତ ଦେୟ ତଥା ଶେଷ କିସ୍ତି ସରିବା ପରେ ଫାଇନାନ୍ସ ଅଫିସର ଜଣେ କର୍ମଚାରୀ ଦସ୍ତଖତ ପାଇଁ କନାଇଙ୍କ ଘରକୁ ଯାଇଥିଲେ। ଏହି ସମୟରେ କନାଇ ଘରେ ନ ଥିଲେ। କର୍ମଚାରୀ ଜଣକ ଫାଇନାନ୍ସ ବାବଦରେ ଆବଶ୍ୟକ ଥିବା ଦସ୍ତଖତ ବିଷୟରେ ଜ୍ୟୋତିଙ୍କୁ ଜଣାଇଥିଲେ। ଫାଇନାନ୍ସ କଥା ଜ୍ୟୋତି ଜାଣିବା ପରେ ଏହା କନାଇ ତାଙ୍କୁ ଲୁଚାଇଥିବା ଜାଣି ରାଗି ଯାଇଥିଲେ। କିଛି ସମୟ ପରେ କନାଇ ଆସିବା ପରେ ଜ୍ୟୋତି ଓ କନାଇଙ୍କ ମଧ୍ୟରେ ଏହାକୁ ନେଇ ବଚସା ହୋଇଥିଲା। ଏଥିରେ ଜ୍ୟୋତି ଅତ୍ୟଧିକ ରାଗିଯାଇ ବିଷ ପିଇ ଦେଇଥିଲେ। ସ୍ତ୍ରୀଙ୍କ ଏହି ଅବସ୍ଥା ଦେଖି କନାଇ ମଧ ମାନସିକ ଭାରସାମ୍ୟ ହରାଇ ଗୁରୁତର ହୋଇଥିଲେ। ଏହା ଦେଖି ପରିବାର ଲୋକେ ଉଭୟଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଳୟରେ ଡାକ୍ତର ଜ୍ୟୋତିଙ୍କୁ ମୃତ ଘୋଷଣା କରିଥିବା ବେଳେ କନାଇ ଗୁରୁତର ଅବସ୍ଥାରେ ଏବେ ଚିକିତ୍ସାଧୀନ ଅଛନ୍ତି।

**ମାନସିକ ଭାରସାମ୍ୟ ହରାଇ ସ୍ୱାମୀ ଗୁରୁତର**

# ୫ ଦଫା ଦାବିରେ ସଶାହାଣ୍ଡି ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଧାରଣା

ବୋରିଗୁମ୍ମା,୧୮।୧୦ (ଡି.ଏନ.ଏ.)

ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସଶାହାଣ୍ଡି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ,୧୮ ଜଣ ୱାର୍ଡସଭ୍ୟଙ୍କ ସହ ପଞ୍ଚାୟତବାସୀ ୫ ଦଫା ଦାବି ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଥିଲେ। ସରପଞ୍ଚ ପଦ୍ମିନୀ ମାଝୀଙ୍କ ନେତୃତ୍ୱରେ ପଞ୍ଚାୟତର ଲୋକ ପ୍ରତିନିଧି ଓ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ପଞ୍ଚାୟତ ଅନ୍ତର୍ଗତ ବାମୁଣିଆଗୁଡା, ବୈରାଗିପଦର ଓ ତେନ୍ତୁଳିଆଗୁଡା ଗ୍ରାମରେ ନିରବଛିନ୍ନ ଭାବେ ପାନୀୟ ଜଳ ଯୋଗାଣ, ଧୁଡୁସାପାଲା ଓ ଡ଼ାବାଗାଁରେ ପିଡ଼ିଏସ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲିବା, ବଦଳି ଜିଆରଏସଙ୍କୁ ତୁରନ୍ତ ବଦଳି କରି ନୂଆ ଜିଆରଏସ ନିଯୁକ୍ତି, ସଶାହାଣ୍ଡି ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ଆଲୋକୀକରଣ କରିବା, ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମର ସାହି ରାସ୍ତାକୁ ପକ୍କା କରିବା ଆଦି ଦାବିରେ ସେମାନେ ଧାରଣା ଦେଇଥିଲେ। ଗଣ ଧାରଣା ଆରମ୍ଭ ହେବାର ଏକ ଘଣ୍ଟା ପରେ ବିଡିଓ ପ୍ରଣୟ ରଞ୍ଜନ ବେହେରା ଧାରଣା ସ୍ଥଳକୁ ଯାଇ ଲୋକ ପ୍ରତିନିଧିଙ୍କ ସହ ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ସାତ ଦିନ ମଧ୍ୟରେ ସମାଧାନ କରିବାକୁ ବିଡ଼ିଓ ବେହେରା ପ୍ରତିଶ୍ରୁତି ଦେବା ପରେ ଗଣ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗଣ ଧାରଣାରେ ସରପଞ୍ଚଙ୍କ ସହ ସମିତି ସଭ୍ୟା ଯଶୋଦା ଭତ୍ରା, ନାଏବ ସରପଞ୍ଚ ପ୍ରକାଶ ସାମଲ, ଦିବ୍ୟଲୋଚନ ପ୍ରଧାନ, ଅର୍ଜୁନ ଭତ୍ରା, ପୂର୍ବତନ ଜିଲା ପରିଷଦ ସଭ୍ୟ କୁନ୍ଦ ଗାଦବା, ସୁବାସ ହରିଜନ, ମଦନ ଭତ୍ରା, ବଳି ଭତ୍ରା, ଧବୁଲୁ ପ୍ରଧାନ, ଇଷ୍ଟ ହରିଜନ, ମୁନା ଦୁଖି,ୱାର୍ଡ ସଭ୍ୟ ଭଗବାନ ହରିଜନ, ଜାନକୀ ଗାଦବା, ଅର୍ଜ୍ଜୁନ ଭତ୍ରା, ରାମ ଭତ୍ରା, ପଦ୍ମା ଗାଦବା, ମିଳକି ଗାଦବା, ଲୋକନାଥ ନାୟକ, ରବି ଭତ୍ରାଙ୍କ ସହ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।



ଧାରଣାରେ ବସିଥିବା ଲୋକପ୍ରତିନିଧିମାନେ ।

# ଜିଆର୍‌ଏସ୍‌ଙ୍କ ବଦଳି ଦାବିକଲେ ସରପଞ୍ଚ, ୧୧ ୱାର୍ଡ ମେମ୍ବର

ଦଶମନ୍ତପୁର,୧୮।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ ବନମାଳୀ ସାହୁ(ଜିଆର୍‌ଏସ୍)ଙ୍କ ବଦଳି ଦାବିକରି ମଙ୍ଗଳବାର ପଞ୍ଚାୟତର ସରପଞ୍ଚ ଓ ୧୧ ଜଣ ୱାର୍ଡମେମ୍ବର ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି। ନନ୍ଦିଗାଁ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକ ପାଇଁ ନିଯୁକ୍ତ ଜିଆର୍‌ଏସ୍ ସାହୁ ଦୁର୍ନୀତି କରୁଛନ୍ତି। ବ୍ଲକ ପକ୍ଷରୁ ବିଭିନ୍ନ କାର୍ଯ୍ୟ କରୁଥିବା ଲୋକମାନଙ୍କ ବିଲ୍ କରିବାରେ ଅବହେଳା କରି ଅର୍ଥ ଦାବି କରୁଛନ୍ତି। ଏହାର ପ୍ରତିବାଦରେ ସରପଞ୍ଚ ଚମ୍ପା ମୁଦୁଲି ଓ ୧୧ଟି ୱାର୍ଡର ୱାର୍ଡମେମ୍ବରମାନେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେମାନେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ଅନୁପସ୍ଥିତିରେ ଜ୍ୟୋତିନ୍ଦ୍ରରାଜ ମନବୋଧଙ୍କୁ ଦାବିପତ୍ର ଦେଇଥିଲେ।

ଏନେଇ ସରପଞ୍ଚ ମୁଦୁଲି କହିଛନ୍ତି, ଜିଆର୍‌ଏସ୍ ଜଣକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ଜମି ମରାମତିଠାରୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟର ବିଲ୍ କରିବା ପାଇଁ ଲାଞ୍ଚ ମାଗୁଛନ୍ତି। ପଞ୍ଚାୟତରେ ପରଜାସୁଲୁଲି ଗ୍ରାମର ଧନପତି ମୁଦୁଲି ତାଙ୍କ ଭାଇ ଜଗନ୍ନାଥ ମୁଦୁଲି ୨ବର୍ଷ ତଳେ ପୂର୍ବରୁ କାର୍ଯ୍ୟାଦେଶ ପାଇ ୬୪ ହଜାର ଲେଖାଏ ଟଙ୍କାର ବ୍ୟୟ ଅଟକଳରେ ୨ଟି ଜମି ମରାମତି କାମ କରିଥିଲେ। ଏନେଇ ସେମାନେ ଏହି ୨ଟି କାର୍ଯ୍ୟରୁ ପ୍ରଥମେ ୨୦ ହଜାର ଲେଖାଏର ୨ଥର ବିଲ୍ କରାଇଥିଲେ। ମାତ୍ର ବିଲ୍ କରିବାକୁ ପୂର୍ବରୁ ପ୍ରଥମ କିସ୍ତିର ବିଲ୍ ପାଇଁ ଜିଆର୍‌ଏସ୍ ସାହୁ ୧୨ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ବଳକା ବିଲ୍ କରିବା ପାଇଁ ସେ ୪୦ ହଜାର ଟଙ୍କା ଦାବି କରୁଛନ୍ତି। ଟଙ୍କା ଦେଲେ ବିଲ୍ କରିବେ ନ ହେଲେ ନାହିଁ ବୋଲି ରୋକ୍‌ଠୋକ୍ କହୁଥିବା ଧନପତି ଅଭିଯୋଗ କରିଛନ୍ତି। ସେହିପରି ମାଳି ବିଶାଳି ଗ୍ରାମର ପରମଗୌଡ଼ ଗ୍ରାମ ଏମ୍‌ଆଇପି ଡ୍ୟାମ୍‌ରୁ ଗ୍ରାମ ମୁଣ୍ଡ ଯାଏ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ବର୍ଷ ତଳେ ଏକ ଡ୍ରେନ୍ କାର୍ଯ୍ୟ କରିଥିଲେ। ସେ ଆଉ ପାଇବାକୁ ଥିବା ୪୦ ହଜାର ଟଙ୍କର ବିଲ୍‌ରୁ ମଧ ଜିପିଓ ସାହୁ ଲାଞ୍ଚ ମାଗିଥିଲେ। ଆମ ପଞ୍ଚାୟତରେ ଯିଏ ଠିକାଦାର କାମ କରୁଛନ୍ତି ସେମାନଙ୍କୁ ବିଲ୍ କରିବା ପାଇଁ ଲାଞ୍ଚ ମଗାଯାଉଛି ବୋଲି ୱାର୍ଡମେମ୍ବର ଅଭିଯୋଗ କରିଛନ୍ତି। ଏହାକୁ ନେଇ ଠିକାଦାର ଏବଂ ୱାର୍ଡ ମେମ୍ବରମାନେ ସରପଞ୍ଚ ମୁଦୁଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଜିଆର୍‌ଏସ୍ ସାହୁଙ୍କୁ ଯୋଗାଯୋଗ କରି ତାଙ୍କୁ ଜଣାଇଥିଲେ ମଧ ସେ ତାଙ୍କ କଥା ଶୁଣୁନାହାନ୍ତି ବୋଲି ସରପଞ୍ଚ କହିଛନ୍ତି। ଏପରି କ୍ଷେତ୍ରରେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ ବଦଳାଯାଉ ବୋଲି ପଞ୍ଚାୟତବାସୀ ଦାବିକରି ମଙ୍ଗଳବାର ବ୍ଲକ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ରର ନକଲ ପିଡି ଡିଆର୍‌ଡିଏ ଓ ଜିଲାପାଳଙ୍କ ନିକଟକୁ ପଠାଯାଇଛି। ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଆର୍‌ଏସ୍ ସାହୁଙ୍କୁ ପଚାରିବାରୁ ସେ କହିଲେ, ତାଙ୍କ ବିରୋଧରେ ଏହା ଷଡ଼ଯନ୍ତ୍ର। ସେ କାହାକୁ ବିଲ୍ ପାଇଁ ଅର୍ଥ ମାଗିନାହାନ୍ତି।



ସରପଞ୍ଚ ଓ ୱାର୍ଡମେମ୍ବରମାନେ ବିଡିଓଙ୍କ ଅନୁପସ୍ଥିତିରେ ଜ୍ୟୋତିନ୍ଦ୍ରରାଜ ମନବୋଧଙ୍କୁ ଦାବିପତ୍ର ଦେଉଛନ୍ତି।

# ପୋଟ୍ରେଲରେ ବିଜେଡ଼ିର ପଦଯାତ୍ରା



କୋରୁକୋଣ୍ଡା ୧୮।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ପୋଟ୍ରେଲ ପଞ୍ଚାୟତ ସଦରଠାରେ ମଙ୍ଗଳବାର ବିଜୁଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡ଼ିର ସମସ୍ତ କର୍ମୀ ପୋଟ୍ରେଲ ଗ୍ରାମ ସ୍କୁଲ ଛକଠାରୁ ପଦ ଯାତ୍ରାରେ ବାହାରି ଗ୍ରାମ ମଝିରେ ଥିବା ମଣ୍ଡପଠାରେ ଏକ ସଭା କରିଥିଲେ। ସଭାରେ ପଦଯାତ୍ରାରେ ଜିଲା ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକମି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଆଡମା ରାବା, ବିଜେଡି ଜିଲା ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ସମ୍ପାଦକ ପ୍ରଭାକର ପ୍ରଧାନ, କୋରୁକୋଣ୍ଡା ଜୋନ-୧ ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ପଡିଆମୀ, ପଡିଆ ବ୍ଲକ ଜିଲା ପରିଷଦ ସଭ୍ୟା ସୁରଭି ଭୌମିକ, ପଞ୍ଚାୟତ ସମିତି ଅଧକ୍ଷ ଜିତୁ ବୁରୁଡ଼ି, ବାଲିମେଳା ଏନଏସିର ଏମ୍‌ପି ପ୍ରତିନିଧି ଏ.ଦେବାଶିଷ ପାତ୍ର, କୋରୁକୋଣ୍ଡା ଏମ୍‌ପି ପ୍ରତିନିଧି ସତ୍ୟ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ଜନ ସମ୍ପର୍କ ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

# ବାଇପାସ୍ ରାସ୍ତାରେ ଲୁଟୁଛନ୍ତି ଲୁଟେରା

ବୈପାରିଗୁଡ଼ା,୧୮।୧୦(ଡି.ଏନ୍.ଏ.)

- ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି
- ଏପରି ଏକ ଘଟଣା ପାଇଁ ବଦଳିଥିଲେ ତତ୍କାଳୀନ ଥାନାଧିକାରୀ

କୋରାପୁଟ ଜିଲାର ବୈପାରିଗୁଡ଼ା-ଜୟପୁର ବାଇପାସ୍ ରାସ୍ତା ଏବେ ଲୁଟେରାଙ୍କ କବଳରେ ରହିଛି। ସନ୍ଧ୍ୟା ହେଲେ ରାସ୍ତାକଡ଼ରେ ବିଭିନ୍ନ ମାରଣାସ୍ତ୍ର ଧରି ଲୁଟି ରହୁଛନ୍ତି ଲୁଟେରା ଗ୍ୟାଙ୍ଗ୍ । ସୁଯୋଗ ପାଇଲେ ବାଇକ୍ ଆରୋହୀମାନଙ୍କୁ ଆକ୍ରମଣ କରି ଲୁଟୁଛନ୍ତି ଟଙ୍କା। ଏପରି ଘଟଣା ବାରମ୍ବାର ହେଉଥିଲେ ମଧ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଏହାର ଫାଇଦା ଲୁଟେରାମାନେ ଉଠାଉଥିବା ଅଭିଯୋଗ ହେଉଛି।

ଖବରରୁ ଜଣାପଡ଼ିଛି, ଜୟପୁର ବାଇପାସ୍ ରାସ୍ତା ବୈପାରିଗୁଡ଼ାଠାରୁ ବାଲିଆ ଦେଇ ଜୟପୁରକୁ ସଂଲଗ୍ନ କରୁଛି। ଜାତୀୟ ରାଜପଥରେ ବୈପାରିଗୁଡ଼ାଠାରୁ ଜୟପୁର ୨୨ କି.ମି. ଦୂର ହେଉଥିବା ଏହି ବାଇପାସ୍ ରାସ୍ତାରେ ଦୂରତା ୧୮ କି.ମି. ପଡ଼େ। ବୈପାରିଗୁଡ଼ାଠାରୁ ୮ କି.ମି. ଦିଗାପୁର ବ୍ରିଜ୍ ପର୍ଯ୍ୟନ୍ତ ବୈପାରିଗୁଡ଼ା ଥାନା ନିୟନ୍ତ୍ରଣରେ ଥିବାବେଳେ ଅବଶିଷ୍ଟ ରାସ୍ତା ଜୟପୁର ସଦର ପୋଲିସ ନିୟନ୍ତ୍ରଣରେ ରହିଛି । ତେବେ ରାସ୍ତାକଡ଼ରେ କେତେକ ଢାବା ରହିଛି। ସନ୍ଧ୍ୟା ସମୟରେ ରାସ୍ତାର ବିଭିନ୍ନ ସ୍ଥାନରେ ବସି କେତେଜଣ ଅସାମାଜିକ ବ୍ୟକ୍ତି ମଦ୍ୟପାନ କରୁଥିବା ଦେଖିବାକୁ ମିଳିଥାଏ। ଏହି ରାସ୍ତାରେ ରାତିରେ ଫେରୁଥିବା ଯାତ୍ରୀଙ୍କୁ ଆକ୍ରମଣ କରି ଲୁଟେରାମାନେ ଲୁଟିଥାନ୍ତି। ଗତ ୧୩ରେ ରାମଗିରି ଅଞ୍ଚଳର ଜଣେ ଯୁବ ବ୍ୟବସାୟୀ ବିଶ୍ୱଜିତ ବରେଇ ତାଙ୍କ ସହ ଅନ୍ୟ ଜଣେ ସହଯୋଗୀଙ୍କ ସହିତ ବାଇକ୍‌ରେ ଜୟପୁରରୁ ଫେରୁଥିବା ବେଳେ ଏଠାରୁ ୨ କି.ମି. ଚନ୍ଦନପୁର ନିକଟରେ ୬ ଜଣ ଲୁଟେରା ସେମାନଙ୍କ ଉପରେ ଆକ୍ରମଣ କରି ୫୦ ହଜାର ଟଙ୍କା ଲୁଟିନେଇଥିଲେ। ୨ଟି ନମ୍ବରବିହୀନ ବାଇକ୍‌ରେ ସେମାନେ ଚାଲିଯାଇଥିଲେ। ଏ ନେଇ ସେ ବୈପାରିଗୁଡ଼ା ଥାନାରେ ଏତଲା ଦେଇଥିବା ବେଳେ ଏପର୍ଯ୍ୟନ୍ତ ଅପରାଧୀମାନେ ଧରାପଡ଼ିନାହାନ୍ତି। ଏଠାରେ ସୂଚନାଯୋଗ୍ୟ, ଗତବର୍ଷ ମେ ୨୪ରେ ବୈପାରିଗୁଡ଼ା ଅଞ୍ଚଳର ଜଣେ ଶିକ୍ଷକ ଜୟପୁରଠାରୁ ବୈପାରିଗୁଡ଼ା ଫେରୁଥିବା ବେଳେ ସେହି ରାସ୍ତାର ଗୌଡ଼ଗୁଡ଼ା ଛକ ନିକଟରେ ଲୁଟେରାମାନେ ତାଙ୍କୁ ଆକ୍ରମଣ କରି ମୋବାଇଲ ଫୋନ୍ ସହ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ସେତେବେଳେ ଏ ନେଇ ଶିକ୍ଷକ ଜଣକ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଏତଲା ରଖି ନ ଥିଲା। ଧରିତ୍ରୀରେ ଖବର ପ୍ରକାଶ ପରେ ଏତଲା ରଖି ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତକରି ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଗ୍ରାମରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କଠାରୁ ଚୋରି ମୋବାଇଲ ଫୋନ ଜବତ ହୋଇଥିଲା। ଉକ୍ତ ଘଟଣା ପରେ ତତ୍କାଳୀନ ଥାନା ଅଧିକାରୀ ବଦଳିଥିଲେ।

# ବାଳକ ବିଭାଗରେ ଲମତାପୁଟ, ବାଳିକା ବିଭାଗରେ କୋଟପାଡ ବିଜୟୀ

କୋରାପୁଟ/କୋଟପାଡ, ୧୮।୧୦(ସ୍ୱ.ପ୍ର./ସ୍ୱ.ପ୍ର.)

**ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ୧୭ ବର୍ଷ କମ ବାଳିକା ବାଳକ ଫିଫା ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଚଳିତ ମାସ ୧୧ରୁ କୋରାପୁଟ ପୋଲିସ ପଡିଆଠାରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ୧୭ ବର୍ଷ କମ୍ ବାଳକ ବାଳିକା ଫିଫା ଫୁଟବଲ ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାପାଳ ଅବଦାଲ ଏମ. ଅଖତାର ମୁଖ୍ୟଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଜିଲା ବିଦ୍ୟାଳୟ କ୍ରୀଡା ସଭାପତି ତଥା ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ. ଅତିରିକ୍ତ ଜିଲାଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଅର୍ପିତା ପ୍ରଧାନ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭୀମ ବେହେରା, ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦଯାପନୀ ଉତ୍ସବରେ ବାଳକ ବିଭାଗରେ ଲମତାପୁଟ ବ୍ଲକ୍ ବୋରିଗୁମ୍ମା ବ୍ଲକକୁ ୪-୨ ପେନାଲଟି ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ବାଳିକା ବିଭାଗରେ କୋଟପାଡ ବ୍ଲକ କୋରାପୁଟ ବ୍ଲକକୁ ୨-୦ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ବାଳକ ବିଭାଗର ବିଜୟୀ ଦଳ ଲମତାପୁଟ ବ୍ଲକକୁ ମାନପତ୍ର, ପଦକ ଓ ଟ୍ରଫିସହ ୧୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଉପ ବିଜେତା ଦଳ ବୋରିଗୁମ୍ମାକୁ ମାନପତ୍ର ପଦକ, ଓ ଟ୍ରଫି ସହ ୭୫୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ବାଳିକା ବିଭାଗରେ ବିଜୟୀ ଦଳ କୋଟପାଡକୁ ମଧ ମାନପତ୍ର, ପଦକ ଓ ଟ୍ରଫି ସହ ୧୫୦୦ପ୍ରଦାନ କରାଯାଇଥିଲା ଓ ଉପ ବିଜେତା ଦଳ କୋରାପୁଟକୁ ମାନପତ୍ର, ପଦକ ଟ୍ରଫି ସହ ୭୫୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଫୁଟବଲ ପ୍ରତି ଯୋଗିତାରେ କୋଟପାଡ଼ ବ୍ଲକ ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରୁ ଲକ୍ଷ୍ମୀ ନାୟକ, ମମତା ଦୁଆରି, କୁମ୍ଭମତି ନାୟକ, ମିରିଗୁଡା ବିଦ୍ୟାଳୟରୁ ଭାନୁମତୀ ଭତରା, ମିନତି ଭତରା, ସ୍ମିତା ଭତରା, ଭୋନସୁଲି ବିଦ୍ୟାଳୟରୁ ସେବତୀ ଚଲାଣ, ମିନତି ନାୟକ, କୁସୁମି ବିଦ୍ୟାଳୟରୁ ଭବାନୀ ମାଝୀ, ପୂର୍ଣ୍ଣିମା ପ୍ରଧାନ, ଏନ୍‌ପି ଏସ ଜମାଲ ବିଦ୍ୟାଳୟରୁ ପୁଷ୍ପା ନାୟକ, ବିନତି ପୂଜାରୀ ଓ ଧାମନାହାଣ୍ଡି ବିଦ୍ୟାଳୟରୁ ନବୀନା ନାୟକ ଅଂଶଗ୍ରହଣ କରିଥିଲେ। ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଦୀପ ଗୌଡ଼, କୁସୁମୀ ବିଦ୍ୟାଳୟର କୋଚ ଭାରତୀ ପାତ୍ର, ସରକାରୀ ବାଳିକା ବିଦ୍ୟଳୟର କ୍ରୀଡା ଶିକ୍ଷକ ପ୍ରଭାସିନୀ ନିଆଲ, ରାଜେଶ ପାଣି ଛାତ୍ରୀମାନଙ୍କୁ ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ।



କୋଟପାଡର ବିଜୟୀ ଖେଳାଳିମାନେ ।

## ସଂକ୍ଷେପରେ

### ବସ୍ ଚକା ତଳେ ଚାପି ହୋଇ ବୃଦ୍ଧାଙ୍କ ମୃତ୍ୟୁ

ପାପଡ଼ାହାଣ୍ଡି,୧୮।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ସଦର ମହକୁମାରେ ମଙ୍ଗଳବାର ବସ୍ ଚକା ତଳେ ଚାପି ହୋଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ କୌଶଲ୍ୟା ହରିଜନ। ମାଲକାନଗିରି ଜିଲା ଏମ୍ଭି-୭୯ରୁ ସେ ଏକ ଘରୋଇ ବସ୍‌ରେ ପାପଡ଼ାହାଣ୍ଡି ଆସୁଥିଲେ। ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିକଟରେ ସେ ବସ୍‌ରୁ ଓହ୍ଲାଇଥିଲେ। ଏହି ସମୟରେ ବସ୍‌ଟି ଆଗକୁ ଗଡ଼ିଯିବାରୁ ସେ ପଛ ଚକା ତଳେ ପଡି ଯାଇଥିଲେ। ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ। ଖବରପାଇ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡାବୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଯାଦବ ସମାଜର ନୂଆଖାଇ ଭେଟ୍‌ଘାଟ

ରାଇଘର,୧୮।୧୦(ଡି.ଏନ୍.ଏ.)- ଯାଦବ ସମାଜର ନୂଆଖାଇ ଭେଟଘାଟ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଟିମନପୁର ପଞ୍ଚାୟତରେ ପାଳିତ ହୋଇଯାଇଛି। ଆଖପାଖ ଅଞ୍ଚଳର ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଉପେନ୍ଦ୍ର ଗଣ୍ଡ ଅତିଥିଭାବେ ଯୋଗ ଦେଇଥିଲେ। ଟିମନପୁର ସରପଞ୍ଚଙ୍କ ପ୍ରତିନିଧି ଫୁଲସିଂ ଗଣ୍ଡ, ପୂର୍ବତନ ସରପଞ୍ଚ ଟୋପିରାମ ନାୟକ, ଶୁକଦେବ ଗଣ୍ଡ, ବିଜେଡି ବ୍ଲକ ସଭାପତି ରାଇସିଂ ଗଣ୍ଡ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ରାମନାଥ କେଉଟ, ଶଙ୍କର ବର୍ମା,ଗଣେଶ କୁମ୍ଭାର, ଭାଜପା ଗୋନା ମଣ୍ଡଳ ଉପସଭାପତି ପ୍ରତାପ ମାଝି, ରାଇଘର ମଣ୍ଡଳ ସଭାପତି ମନୋହର ଦଣ୍ଡସେନା, ନୀଳମଣି ଗଣ୍ଡ, ଯାଦବ ସମାଜର ପଞ୍ଚାୟତ ସଭାପତି କାଳିଆ ରାଉତ, ଉପସଭାପତି ଉମାଶଙ୍କର ରାଉତ, ଫୁଲଚାନ୍ଦ ଗଣ୍ଡ, କମଲସିଂ ଗଣ୍ଡ, ଯାଦବ ସମାଜର ନାୟକ ପଣ୍ଡୁରୁ ରାଉତ, ନବୀନ ପୂଜାରୀ, ଟେକଚାନ୍ଦ ଗଣ୍ଡ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଓ ଛତିଶଗଡ଼ରୁ ମଧ ଯାଦବ ସମାଜର ଲୋକେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଦୁର୍ଘଟଣାରେ ବାପା ଗୁରୁତର, ଝିଅ ପୁଅ ଆହତ

ବିଷମକଟକ, ୧୮।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ସାନଗୋଡିଗୁଡା ଗାଁ ନିକଟରେ ଗାଡ଼ି ଧକ୍କାରେ ଗୋଟିଏ ପରିବାରର ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଚାଟିକୋଟା ଗ୍ରାମର ନରେନ୍ଦ୍ର ମହାପାତ୍ର (୪୦), ତାଙ୍କ ପୁଅ ଶିବେନ୍ଦ୍ର (୯) ଏବଂ ଝିଅ କେଟି (୫)। ନରେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ମଙ୍ଗଳବର ସକାଳେ ନରେନ୍ଦ୍ର ପୁଅ ଝିଅଙ୍କୁ ଧରି ବାଇକ୍‌ରେ ବିଷମକଟକ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଘରକୁ ଫେରୁଥିଲେ। ଏହି ସମୟରେ ସାନଗୋଡିଗୁଡା ଗ୍ରାମ ନିକଟ ମୁଖ୍ୟ ସଡ଼କରେ ବିପରୀତ ଦିଗରୁ ଏକ କାର୍ ଦ୍ରୁତ ଗତିରେ ଆସି ନରେନ୍ଦ୍ରଙ୍କ ଗାଡ଼ିକୁ ଧକ୍କାଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଏହା ଜାଣି ଆହତଙ୍କୁ ଉଦ୍ଧାର କରି ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତମାନଙ୍କ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ବ୍ରହ୍ମପୁର ନେବାକୁ ଡାକ୍ତର କହିଥିଲେ। ସମସ୍ତଙ୍କୁ ଓଡ଼ିଶା ମୋ ପରିବାର ନିଃଶୁଳ୍କ ଆମ୍ବୁଲାନରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ଖଡ଼କାପଦରରେ ବ୍ୟାପୁଛି ଝାଡ଼ାବାନ୍ତି

ପାପଡ଼ାହାଣ୍ଡି,୧୮।୧୦(ଡି.ଏନ୍.ଏ.)


ମେଡିକାଲ ଟିମ୍ ଜଳ ନମୁନା ସଂଗ୍ରହ କରୁଛି।

**ଜଳ ନମୁନା ସଂଗ୍ରହ ସହ ସଚେତନ କରୁଛି ମେଡିକାଲ ଟିମ୍**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକକୁ ପୁଣି ଫେରିଛି ଝାଡ଼ାବାନ୍ତି। ଗତ ଅଗଷ୍ଟ ମାସରେ ତୁଳସୀପଦର ଓ ଗତ ସପ୍ତାହରେ ସୋରିଷପଦରରେ ଝାଡ଼ାବାନ୍ତି ଦେଖାଦେଇଥିଲା। ବର୍ତ୍ତମାନ ବ୍ଲକର ମାଝିଗୁଡା ପଞ୍ଚାୟତ ଖଡ଼କାପଦର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଗତ ୪ ଦିନ ମଧ୍ୟରେ ୮ ଜଣ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଗାଁର ସାଇବ ଜାନି (୩), ମସ୍ତ ଜାନି (୫୦) ଓ ଶୁକ୍ରୀ ଜାନି (୬୦) ଆକ୍ରାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରୁ ଆକ୍ରାନ୍ତମାନଙ୍କୁ ଝାଡ଼ା ଆରମ୍ଭ ହୋଇଯାଇଥିଲା। ସକାଳ ସୁଦ୍ଧା ଅବସ୍ଥା ଗୁରୁତର ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଉଛି।

ମଙ୍ଗଳବାର ଡାକ୍ତର ବିଭୂତି ଭୂଷଣ ନାୟକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମେଡିକାଲ ଟିମ୍ ନଳକୂପରେ ବ୍ଲିଚିଂ ପାଉଡର ପକାଇଥିଲେ। ଗରମପାଣି ପିଇବା ସହିତ ଝରଣାପାଣି ନ ଗାଧୋଇବାକୁ ଗ୍ରାମବାସୀଙ୍କୁ ଡାକ୍ତର ବିଭୂତି ପରାମର୍ଶ ଦେଇଛନ୍ତି। ଗାଁ ନଳକୂପର ଜଳ ନମୁନା ସଂଗ୍ରହ କରାଯାଇଛି। ଝାଡ଼ାବାନ୍ତି ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ଆମ ମେଡିକାଲ ଟିମ୍ ଗାଁରେ ରହି ଲୋକଙ୍କ ଚିକିତ୍ସା ଓ ସଚେତନ କରିବ ବୋଲି ଡାକ୍ତର ବିଭୂତି ଭୂଷଣ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ରବିବାର ଗାଁର ହାରାବତୀ ଜାନି ଓ ଦେଶୀ ଜାନି ଆକ୍ରାନ୍ତ ହୋଇ ନବରଙ୍ଗପୁର ସ୍ଥାନାନ୍ତର ହୋଇଛନ୍ତି। ସୋମବାର ଜୟରାମ ଜାନି ଆକ୍ରାନ୍ତ ହୋଇଥିଲେ। ଜୟରାମଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଆକ୍ରାନ୍ତ ବାଳମତି ଜାନି ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଜୟସିଂ ଜାନିଙ୍କ ଚିକିତ୍ସା ଗାଁରେ ଚାଲିଛି।

## କାରାପାଡ଼ିରେ ତଦନ୍ତକରି ଫେରିଲା ଡାକ୍ତରୀ ଟିମ୍

**ସୋମବାର ଗାଁରୁ ୧୨ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ**

ବିଷମକଟକ, (ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ସହାଡ଼ା ପଞ୍ଚାୟତର କାରାପାଡ଼ି ଗ୍ରାମରେ ସୋମବାର ୧୨ ଜଣ ଝାଡାବନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ବିଷମକଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଖବରପାଇ ମଙ୍ଗଳବାର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗାଁର ୪ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ଆକ୍ରାନ୍ତ ୧୨ଜଣ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଡାକ୍ତରୀ ଟିମ୍ ଗ୍ରାମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ରିପୋର୍ଟ ଦେବା ପରେ କେଉଁ କାରଣରୁ ଗ୍ରାମରେ ଏଭଳି ଝାଡ଼ାବାନ୍ତି ବ୍ୟାପିଛି ତାହାର କାରଣ ଜଣାପଡିବ ବୋଲି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା . ଅଂଶୁପ୍ରଭା ଚୌଧୁରୀ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

rgdselfie@gmail.com


@ ପ୍ରିୟବ୍ରତ


@ ପ୍ରେମଜଗତ


@ ରମେଶ


@ ଦେବେନ୍ଦ୍ର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଳିକାରେ ପାପଡ଼ାହାଣ୍ଡି, ବାଳକରେ ଉମରକୋଟ ଚାମ୍ପିୟନ


ଅତିଥିଙ୍କ ସହ ବାଳିକା ବିଭାଗ ଚାମ୍ପିୟନ ହୋଇଥିବା ପାପଡ଼ାହାଣ୍ଡି ଦଳର ଖେଳାଳିମାନେ।

**ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ନବରଙ୍ଗପୁର,୧୮।୧୦(ବି.ପ୍ର.)

ନବରଙ୍ଗପୁର ଜିଲାର ୧୦ ଗୋଟି ବ୍ଲକର ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କୁ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନବରଙ୍ଗପୁର ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହର ମୁଖ୍ୟ ଅତିଥିଭାବେ ଲୋକ ସଭା ସଦସ୍ୟ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ୧୦ ବ୍ଲକର ହାଇସ୍କୁଲରୁ ବଛାଯାଇଥିବା ଯୋଗ୍ୟ ଫୁଟ୍‌ବଲ ଖେଳାଳି ଏଥିରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ କମଳଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ହୋଇଥିବା ବାଳିକା ବିଭାଗର ପାପଡ଼ାହାଣ୍ଡି ଓ ବାଳକ ବିଭାଗରେ ଉମରକୋଟ ଦଳର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ଲେଆର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ବାଳିକା ବିଭାଗରୁ ପାପଡ଼ାହାଣ୍ଡି ବ୍ଲକର ଜୁଲାମେ ସାନ୍ତା ଓ ବାଳକ ବିଭାଗର ଉମରକୋଟ ବ୍ଲକର ପିଣ୍ଟୁ ସାନ୍ତାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ଗୋଲ କିପରଭାବେ ବାଳିକା ବିଭାଗରୁ ନବରଙ୍ଗପୁର ବ୍ଲକର ଗୁଡୁଲି ଦୋରା, ବାଳକ ବିଭାଗରୁ ଝରିଗାଁ ବ୍ଲକର ସନ୍ତୋଷ ସାନ୍ତାଙ୍କୁ ପୁରସ୍କୃତ କରାଯାଇଛି। ଜିଲାର ସମସ୍ତ ବିଇଓଙ୍କୁ ସେମାନଙ୍କ ସହଯୋଗ ପାଇଁ ଜିଲାପାଳ ତଥା ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ୫-ଟି ସ୍କୁଲକୁ ଫୁଟ୍‌ବଲ ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବର ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆଇପିଆର୍‌ଓ ହଳଧର ନିଆଲ୍, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରେଶମ ଲାଲ୍ ନାୟକ, ବିଶ୍ୱନାଥ ସାହୁ, ବିଇଓ ସୁପ୍ରିୟା ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରଦୀପ ମିଶ୍ର, ପ୍ରଭାତ ପଟ୍ଟନାୟକ, ମନୋରଞ୍ଜନ ପ୍ରହରାଜ ପରିଚାଳନା କରିଥିଲେ। ଶେଷରେ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ମନୋରଞ୍ଜନ ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡାବୁଗାଁ, ୧୮।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ପଣ୍ଡା, ଚକ୍ଷୁ ବିଶେଷଜ୍ଞ ଡା. ଦେବାଶିଷ ମହାପାତ୍ର ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଅଶୋକ ମହାପାତ୍ର ପ୍ରମୁଖ ୧୭୪ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଡିଏମଓ (ପିଏଚ) ଡା. ସୁକାନ୍ତ ଶତପଥୀ, ସାଇକୋଲୋଜିଷ୍ଟ ବିଭୂଦତ୍ତ ସେଠୀ, ଅଡିୟଲୋଜିଷ୍ଟ ଶିବପ୍ରସାଦ ସାହୁ,



ଫିଜିଓଥେରାପିଷ୍ଟ ଘନଶ୍ୟାମ ବେହେରା ପ୍ରମୁଖ ଚିକିତ୍ସାରେ ସହାୟତା କରିଥିଲେ। ୧୬ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ୧୦୯ ହିତାଧିକାରୀଙ୍କୁ ୟୁଡି ଆଇଡି କାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ଜିଲାପରିଷଦ ସଭ୍ୟ ଜୋନ-୧ ଧନସିଂ ଭତ୍ରା ଓ ଜୋନ-୨ ଗୁପ୍ତ ବିଷୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବିଡିଓ ଶରତ ମାଝି, ଝରିଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳଙ୍କ ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପ୍ରରିଚାଳନା କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳି, ଅମୂଲ୍ୟ ଦଳାଇ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଗୁଡାରୀରେ ଶିଶୁ ମହୋତ୍ସବ 'ସୁରଭି'


କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଗୁଡାରୀ, ୧୮।୧୦(ଡି.ଏନ୍.ଏ.)

ଗୁଡ଼ାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋକୋନ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଡ଼ାରର ଏବିଇଓ କବିବର ପ୍ରଧାନ ମହୋତ୍ସବ ଶୁଭାରମ୍ଭ କରିଥିଲେ। ସିନିୟର ବର୍ଗର ୪୮ ଓ ଜୁନିଅର ବର୍ଗର ୪୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ମହୋତ୍ସବରେ ଗୁଡ଼ାରୀ ଏନ୍‌ଏସିର ଅଧୀନ ସବୁ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୁଡ଼ାରି ଏନ୍‌ଏସି ସିଆର୍‌ସିସି ରାମକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ସାନହୁମ କ୍ଲଷ୍ଟର ଅଧୀନ ବଡହୁମା ବିଦ୍ୟାଳୟରେ ମଧ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସିଆରସିସି ନିଳାଞ୍ଚଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବରେ ଗୁଡ଼ାରୀ ବିଆର୍‌ସିସି ନବକୃଷ୍ଣ ଗମାଙ୍ଗ ଓ କ୍ଲଷ୍ଟର ଶିକ୍ଷକ, ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ନଭେମ୍ବର ୨୩ରୁ ମଣ୍ଡେଇ ନାଟକ ମହୋତ୍ସବ

ନବରଙ୍ଗପୁର,୧୮।୧୦(ବି.ପ୍ର.)

ନବରଙ୍ଗପୁର ଜିଲାର ଲୋକ ମହୋତ୍ସବ ମଣ୍ଡେଇ ଅବସରରେ ଏକ ନାଟକ ମହୋତ୍ସବ ପାଳନ କରାଯିବ। ନବରଙ୍ଗପୁର ଜିଲାପାଳ ଡ କମଳ ଲୋଚନ ମିଶ୍ରଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ଏ ନେଇ ଆଲୋଚନା ହୋଇଛି। ଏହି ନାଟକ ମହୋତ୍ସବ ପୁରୁଣା ମଣ୍ଡେଇ ପଡିଆରେ କରିବା ନିମନ୍ତେ ଉପସ୍ଥିତ ସଭ୍ୟମାନେ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ନଭେମ୍ବର ୨୩ରୁ ୨୭ ତାରିଖ ମଧ୍ୟରେ ଏହି ନାଟକ ମହୋତ୍ସବ କରାଯିବ। ଏହି ମଣ୍ଡେଇ ନାଟକ ମହୋତ୍ସବରେ ଜିଲାର ୧୦ ବ୍ଲକ ଏବଂ ଦୁଇଟି ପୌରାଞ୍ଚଳର ସର୍ବମୋଟ ୧୨ଟି ନାଟକ ପରିବେଷଣ କରାଯିବ। ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରି ସମ୍ପୂର୍ଣ୍ଣ ରୂପରେଖ ତିଆରି କରିବା ପାଇଁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ବରିଷ୍ଠ ମଞ୍ଚ ନିର୍ଦ୍ଦେଶକ ପ୍ରକାଶ ସାମନ୍ତରାୟ, ପ୍ରେମଚାନ୍ଦ ପଟ୍ଟନାୟକ, ବରିଷ୍ଠ କଳାକାର ଚିଦାନନ୍ଦ ପଟ୍ଟନାୟକ, ସଙ୍ଗୀତକାର ସୁରେଶ ମହାନ୍ତିଙ୍କ ସମେତ କଳାକାର ତଥା ଓଡିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବି

ଗୁଣପୁର,୧୮।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତଗୁଡା ତୋଇକୁରୁଠାରୁ ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର ଦାବିରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବନ୍ଦ ପାଳନ କରାଯାଇଛି। ଏଥିସହ ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକା ଯାଇଥିଲା। ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମାଜିଷ୍ଟ୍ରେଟ ଭାବେ ତହସିଲଦାର ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।


ଆନ୍ଦୋଳନମାରୀମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

୧୦ ତାରିଖରୁ ପୁଟାସିଂ ତଥା ଗୁଡୁତୋଇକୁରଗୁଡାରୁ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବିରେ ଆନ୍ଦୋଳନ ଆରମ୍ଭ ହୋଇଥିଲେ ମଧ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଚଞ୍ଚକତା କରି ସରକାର ପୁଟାସିଂ କାର୍ଯ୍ୟାଳୟ ପ୍ରକୃତରେ ପୁଟାଠାରେ କରିବା ବଦଳରେ ଗୁଡାତୋଇକୁରୁଗୁଡାରେ କରିଛନ୍ତି। ଏହିକାର୍ଯ୍ୟାଳୟ ସ୍ଥାନାନ୍ତର କରିବା ଦାବି ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ସହ ୧୩ ଦଫା ଦାବି ନେଇ ସେଠାରେ ଆନ୍ଦୋଳନ ଚାଲୁ ରହିଛି।

# ପିଇଓଙ୍କ କାର୍ଯ୍ୟକୁ ନେଇ ବୈଠକରେ ଅସନ୍ତୋଷ

ଚନ୍ଦାହାଣ୍ଡି, ୧୮।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସହାୟତା, ପଞ୍ଚଦଶ ଅର୍ଥ ଆୟୋଗ, ଶିଶୁ ବିକାଶ ଓ ମମତା ଯୋଜନାରେ ସମ୍ପାଦିତ ହୋଇଥିବା ୨୦୨୧-୨୨ ଆର୍ଥିକ ବର୍ଷର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ସହକାରୀ ଯନ୍ତ୍ରୀ ଥୟ ପଟେଲ ଏବଂ ବ୍ଲକର ସମସ୍ତ ସମିତି ସଭ୍ୟାସଭ୍ୟ, ସରପଞ୍ଚଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ପାଟଖଲିଆ, ମାଲଗାଁ, କୋଇଲିମୁଣ୍ଡା, ବେହେରାମୁଣ୍ଡା, ଜମାଦାରପଡା, ଧୋଡ଼ିପାଣି ଓ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଅନକାବେଡା ପଞ୍ଚାୟତ ସମୀକ୍ଷା ବୈଠକରେ ପିଇଓମାନେ ପେନସନ ରେଜିଷ୍ଟର ସମୀକ୍ଷା(ଅଡିଟ) ଦେଖି ନ ଥିଲେ ବୋଲି ବ୍ଲକ ସାମାଜିକ ସମୀକ୍ଷିକା ଜୟନ୍ତୀ ମହାରଣା କହିଥିଲେ। ଫଳରେ ମୃତ ପେନସନଧାରୀଙ୍କ ସମ୍ପର୍କରେ ଜଣାପଡି ନ ଥିଲା। ତାଙ୍କ ଭତ୍ତା ପଇସା କିଛି ଅନ୍‌ଲାଇନ ଓ କିଛି ହାତାହାତି ଦେଇଥିଲେ ବୋଲି ବ୍ଲକ ପକ୍ଷରୁ କୁହାଯାଇଛି। କିଛିଦିନ ତଳେ ମୃତବ୍ୟକ୍ତିଙ୍କ ଭତ୍ତାଟଙ୍କା ହଡ଼ପ ଘଟଣାରେ ୨ କର୍ମଚାରୀ ନିଲମ୍ବିତ ହୋଇଲେ। ଘଟଣାର ଏବେବି ତଦନ୍ତ ଚାଲିଛି। ପିଇଓଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଏଥିସହିତ ଏମ୍‌ଜିଏନ୍‌ଆରଇଜିଏସ୍ ତଥା ଅନ୍ୟ କାର୍ଯ୍ୟଗୁଡିକରେ ଆରମ୍ଭରୁ ସାଇନ ବୋର୍ଡ କରାଯାଉ ନଥିବା ଏବଂ ଜିଆରଏସ୍‌ମାନେ ମନଇଚ୍ଛା ଡିମାଣ୍ଡ କରୁଥିବା ପ୍ରସଙ୍ଗ ନେଇ ଆଲୋଚନା

**ବିଭିନ୍ନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

ହୋଇଥିଲା। ଏହି ଜନଶୁଣାଣି ଉପସ୍ଥାପିତ ବିଷୟଗୁଡିକରେ ପିଇଓମାନଙ୍କ ଅବହେଳିତ କାର୍ଯ୍ୟକଳାପକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୀକ୍ଷାରେ ସହଯୋଗ ସହ ଜନଶୁଣାଣି ଶିବିରରେ ପ୍ରସ୍ତୁତ ରହିବାକୁ ବିଡିଓ ସେମାନଙ୍କୁ ତାଗିଦା କରିଥିଲେ। ଏହି ଶିବିରରେ ଭାରପ୍ରାପ୍ତ ଜିପିଇଓ ସୂର୍ଯ୍ୟ ଭତରା, ଏପିଓ ସୁରେଶ ନାୟକ, କନିଷ୍ଠ ଯନ୍ତ୍ରୀ ରାଜୀବଲୋଚନ ଧଳ, ଚନ୍ଦନ ଦଳେଇ, ପରିଦର୍ଶିକା ନନ୍ଦିନୀ ଶତପଥୀ, ବ୍ଲକର ସମସ୍ତ ସମିତି ସଭ୍ୟାସଭ୍ୟ, ସମସ୍ତ ସରପଞ୍ଚ, ପିଇଓ, ଜିଆରଏସ୍ ଓ ବ୍ଲକ କର୍ମଚାରୀଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ରେଳଲାଇନ୍ ସମ୍ପ୍ରସାରଣ, ଶିଳ୍ପ କରିଡର ନିର୍ମାଣ ଦାବି

ରାୟଗଡ଼ା ଅଫିସ, ୧୮।୧୦



ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ଅନ୍ୟମାନେ।

■ ଇଷ୍ଟକୋଷ୍ଟ ରେଲୱେ ୱାଲ୍‌ଟର ଡିଭିଜନ୍ ବୈଠକ
■ ରେଳ ଭିତ୍ତିଭୂମି ବିକାଶ ନେଇ ପ୍ରସ୍ତାବ ରଖିଲେ ଏମ୍‌ପି ସପ୍ତଗିରି

ପୂର୍ବତଟ ରେଳପଥ ୱାଲ୍‌ଟର ଡିଭିଜନର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲାକା ଯୋଗଦେଇ ଅବିଭକ୍ତ କୋରାପୁଟ ସମେତ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ଦିଗରେ ପ୍ରସ୍ତାବ ରଖିଥିଲେ। ରାୟଗଡ଼ାର ବହୁ ପ୍ରତୀକ୍ଷିତ ଗୁଣପୁର-ଥେରୁବାଲି ରେଲଲାଇନ ସମ୍ପ୍ରସାରଣ ସହ ଗୋପାଳପୁର-ସିଙ୍ଗାପୁର ରୋଡ୍ ଶିଳ୍ପ କରିଡର୍ ନିର୍ମାଣ, ଅବିଭକ୍ତ କୋରାପୁଟରେ କାର୍ଯ୍ୟକାରୀ ହେବାକୁ ଥିବା ନୂଆ ରେଲଲାଇନ୍, ଅଣ୍ଡରପାସ୍, ରେଲୱେ ଓଭରବ୍ରିଜ୍, ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ରହଣି, ଯାତ୍ରୀଙ୍କ ସୁବିଧା ସମ୍ପର୍କରେ ବୈଠକରେ ପ୍ରସ୍ତାବ ରଖିଛନ୍ତି। ଦିନ ସମୟରେ କୋରାପୁଟରୁ ଭୁବନେଶ୍ୱର ଭାୟା ରାୟଗଡ଼ା ବ୍ରହ୍ମପୁର ଦେଇ ନୂତନ ଟ୍ରେନ ଚଳାଇବାକୁ ଦାବି ହୋଇଛି।

ରେଲୱେ ଫାଟକାରେ ଅଣ୍ଡରଗ୍ରାଉଣ୍ଡ ରାସ୍ତା, ବ୍ରିଜ ନ ଥିବା ସ୍ଥାନରେ ବ୍ରିଜ, ସିଙ୍ଗାପୁର, କାକିରିଗୁମା, ଜେମାଦେଇପେଣ୍ଟ ଷ୍ଟେଶନରେ ଟ୍ରେନ୍ ରହଣି, ଏହି ଷ୍ଟେଶନରେ ପାଣି ଏବଂ ଶୌଚାଳୟ ବ୍ୟବସ୍ଥା ନେଇ ଦାବି କରାଯାଇଛି। ଗୁଣପୁର-ଥେରୁବାଲି ରେଲଲାଇନ୍ ସମ୍ପ୍ରସାରଣ ଡିପିଆର୍ ରେଲୱେ କ୍ୟାବିନେଟ୍ ଅନୁମୋଦନ ଅପେକ୍ଷାରେ ରହିଛି। ୫ ବର୍ଷ ମଧ୍ୟରେ ଏହି ରେଲଲାଇନ୍ କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି। ସେହିପରି ଗୋପାଳପୁର-ସିଙ୍ଗାପୁର ରୋଡ୍ ଶିଳ୍ପ କରିଡର୍ (ଭାୟା ପଦ୍ମପୁର) ୨୦୦୬-୦୭ ଆର୍ଥିକ ବର୍ଷରୁ ରେଳ ବିଭାଗର ଅନୁମୋଦନ ଲାଭ କରିଛି। କିନ୍ତୁ ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ବେଳେ ରେଳ ବଜେଟରେ ମଧ୍ୟ ଏହି ପ୍ରକଳ୍ପ ସ୍ଥାନ ପାଇପାରୁନି। ଆଗାମୀ ରେଳ ବଜେଟରେ ଏହି ପ୍ରକଳ୍ପକୁ ସ୍ଥାନ ଦେବା ପାଇଁ ଏମ୍‌ପି ଉଲାକା ପ୍ରସ୍ତାବ ରଖିଛନ୍ତି। ମୁନିଗୁଡ଼ା ରେଳଷ୍ଟେଶନ ନିକଟରେ ଓଭରବ୍ରିଜ୍ ସହ ଅଣ୍ଡରପାସ୍, ବିଷମକଟକର କେରାଣ୍ଡିଗୁଡା-ଚାଙ୍ଗରାଗୁଡା, ସାନବୃନ୍ଦାବାଡି, ମଝିହାଲମା, ଲତାଗୁଡା, ମୁନିଖାଲ, ଅମ୍ବାଦଳା ରୋଡରେ ଅଣ୍ଡରପାସ୍ ପାଇଁ ସପ୍ତଗିରି ଦାବି କରିଛନ୍ତି। ରାୟଗଡ଼ା-ରାୟପୁର ମଧ୍ୟରେ ତୃତୀୟ ରେଳ ଲାଇନ କାମ ଚାଲିଥିବାରୁ ବିଷମକଟକ, ଥେରୁବାଲି ଷ୍ଟେଶନରେ ନୂତନ ବିଲ୍ଡିଂ ଓ ଯାତ୍ରୀଙ୍କ ପାଇଁ ପାନୀୟ ଜଳ, ଆଶ୍ରୟସ୍ଥଳୀ, ଶୌଚାଳୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଛନ୍ତି। ହାଟିଆ-ଯଶବନ୍ତପୁର-ହାଟିଆ ଏକ୍ସପ୍ରେସ୍ ମୁନିଗୁଡ଼ା ଷ୍ଟେସନରେ ରହଣି, ରାଉରକେଲା-ଜଗଦଲପୁର, ହାୱଡା-ଜଗଦଲପୁର, ଧାନବାଦ-ଆଲେପି, କୋରବା-ବିଶାଖାପାଟଣା, ବିଶାଖାପାଟଣା-ନିଜାମୁଦ୍ଦିନ୍, ହାଟିଆ-ଯଶବନ୍ତପୁର ଟ୍ରେନ୍ ଅମ୍ବାଦଳା ଷ୍ଟେଶନରେ, କୋରବା-ବିଶାଖାପାଟଣା, ବିଶାଖାପାଟଣା-ନିଜାମୁଦ୍ଦିନ୍, ଜୁନାଗଡ-ଭୁବନେଶ୍ୱର ଟ୍ରେନ୍ ଥେରୁବାଲି ଓ ବିଷମକଟକ ଷ୍ଟେସନରେ ରହଣି ପାଇଁ ଏମ୍‌ପି ପ୍ରସ୍ତାବ ରଖିଛନ୍ତି। ଦିନବେଳା ଜୁନାଗଡ ରୋଡ୍-ବିଶାଖାପାଟଣା ମଧ୍ୟରେ ନୂଆ ଟ୍ରେନ୍ ଚଳାଚଳ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟ ସମାପ୍ତି ସମୟସୀମା ପ୍ରକାଶ ସହ ରେଳ ଡିଭିଜନ ପାଇଁ ଉଚ୍ଛେଦ ବ୍ୟକ୍ତିଙ୍କ ଥଇଥାନ ସମୟ ସୀମା ଜଣାଇବାକୁ ଦାବି କରିଛନ୍ତି। ହୀରାଖଣ୍ଡ ଏକ୍ସପ୍ରେସ୍‌କୁ ମଝିଘରିଆଣି ଏକ୍ସପ୍ରେସ ନାମରେ ନାମିତ, ସେହିପରି ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟିକୁ ରାୟଗଡ଼ା ପର୍ଯ୍ୟନ୍ତ ଏବଂ ରାୟଗଡ଼ା-ବିଶାଖାପାଟଣା ପାସେଞ୍ଜରକୁ ଜୁନାଗଡ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଏମ୍‌ପି ପ୍ରସ୍ତାବ ଦେଇଛନ୍ତି। ବୈଠକରେ ପୂର୍ବତଟ ରେଳପଥର ଜେନେରାଲ୍ ମ୍ୟାନେଜରଙ୍କ ସମେତ ୱାଲ୍‌ଟର ଡିଭିଜନ ପିଏଚ୍ ଓ ଡି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିଲମ୍ବିତ

ରାୟଗଡ଼ା ଅଫିସ, ୧୮।୧୦

ରାୟଗଡ଼ ଜିଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଯମୁନା ବେହେରାଙ୍କୁ ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା ଓ ଅନିୟମିତତା ଯୋଗୁ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଛନ୍ତି। ସେ ପୂର୍ତ୍ତ ବିଭାଗର ୧ ନମ୍ବର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରତ ରହିଥିଲେ। ମୁଖ୍ୟତଃ ଟେଣ୍ଡର ଜାଲିଆତି ଅଭିଯୋଗ ଆଧାରକରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡିଛି।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ ।

ପାପଡାହାଣ୍ଡି,୧୮ ।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଜିଲା ପରିଷଦ ଜୋନ୍-୧ କନ୍ୟାଶ୍ରମରୁ ମଙ୍ଗଳବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ହାତୀବେଢ଼ା ପଞ୍ଚାୟତ କନ୍ୟାଶ୍ରମ ନିକଟରୁ ବିଜେଡିର ଏକ ବିଶାଳ ଶୋଭାଯାତ୍ରା ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ପାପଡାହାଣ୍ଡି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ଡାବୁଗାଁ ବ୍ଲକ ସଭାପତି ସୁରେନ୍ଦ୍ର ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ଭାନୁମତି ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ। ଶୋଭାଯାତ୍ରା କନ୍ୟାଶ୍ରମରୁ ବାହାରି ଗରୁଡ଼ଗୁଡା, ବୁଟିଆଗୁଡା, ପୁଷ୍କରଗୁଡା, ନୂଆଗୁଡା, କେରଣ୍ଡୀ ଆଦି ଗ୍ରାମ ପରିକ୍ରମା କରି ଲୋକଙ୍କୁ ବିଜେଡି ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରିଥିଲା। କେରଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଯାଇଛି। ୩୦ରୁ ଉର୍ଦ୍ଧ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

## ସଂକ୍ଷେପରେ

### ନବରଙ୍ଗପୁର ମହାବିଦ୍ୟାଳୟ ସ୍ମରଣିକା ସବ୍ କମିଟି ବୈଠକ

ନବରଙ୍ଗପୁର, ୧୮।୧୦(ବି.ପ୍ର.)- ନବରଙ୍ଗପୁର ମହାବିଦ୍ୟାଳୟ ସ୍ମରଣିକା ସବ କମିଟି ଓ କାର୍ଯ୍ୟକାରୀ କମିଟର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଲୁମିନି କମିଟି ସଭାପତି ଗଣେଶ ଦାସ ଅଧକ୍ଷତା କରିଥିଲେ। ବୈଠକରେ ସ୍ମରଣିକା କମିଟି କୋଅର୍ଡିନେଟର ଅଶୋକ ପଟ୍ଟନାୟକ ସ୍ମରଣିକା ପ୍ରକାଶନ ପାଇଁ ବିଭିନ୍ନ ପ୍ରସ୍ତାବ ଗୃହରେ ଉପସ୍ଥାପନ କରିଥିଲେ। ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାର ଲେଖା ପ୍ରକାଶ ପାଇବ। ଏହି ସ୍ମରଣିକାରେ ନବରଙ୍ଗପୁର ମହାବିଦ୍ୟାଳୟର ଐତିହ୍ୟ ଓ ଐତିହାସିକ ଘଟଣାବଳୀ, ଗୁରୁତ୍ୱପୂର୍ଣ୍ଣ ସ୍ମୃତି, ମହାବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ ଥିବା କୃତି ବ୍ୟକ୍ତି ବିଶେଷଙ୍କ ତଥ୍ୟ ସମ୍ବଳିତ ପ୍ରବନ୍ଧ ପ୍ରକାଶ ପାଇବ। ନଭେମ୍ବର ୧୫ ସୁଦ୍ଧା ଇମେଲ କିମ୍ବା ବ୍ୟକ୍ତିଗତଭାବେ ଲେଖା କୋଅର୍ଡିନେଟର ପଟ୍ଟନାୟକଙ୍କୁ ପଠାଇବେ। smaranika2022@gmail.comରେ ଲେଖା ପଠାଇ ପାରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଭାକର ପାତ୍ର, ସମ୍ପାଦିକା ସଙ୍ଗୀତା ତ୍ରିପାଠୀ, ଆଇନ ପରାମର୍ଶଦାତା ସମରେଶ ଗନ୍ତାୟତ ଓ ରାମ ପ୍ରସାଦ ପାତ୍ର, ସଦସ୍ୟ ଦିଲ୍ଲୀପ ହୋତା, ବାଲାଜୀ ସାହୁ, କିଶୋର ପଟ୍ଟନାୟକ, ଶିବ ଶଙ୍କର ତ୍ରିପାଠୀ, ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ସମେତ ସବ କମିଟିର ସଭ୍ୟ ଓ ସଂଯୁକ୍ତା ପଣ୍ଡା, ରାକେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳକ ହତ୍ୟା ଘଟଣାର ପର୍ଦ୍ଦାଫାଶ: ୩ ଗିରଫ

ବୋରିଗୁମ୍ମା,୧୮।୧୦ (ଡି.ଏନ.ଏ.)- ବୋରିଗୁମ୍ମା ବ୍ଲକ ବି.ସିଂହପୁର ପୋଲିସ ପୁର୍ଣ୍ଣିଗୁଡା ଗ୍ରାମର ଜଣେ ନାବାଳକଙ୍କୁ ହତ୍ୟା କରି ଗ୍ରାମ ପୋଖରୀରେ ଫିଙ୍ଗିବା ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଏଏସ୍‌ପି ଉତ୍କଳ କେଶରୀ ଦାଶ କହିଛନ୍ତି। ଗିରଫ ତିନି ଜଣଙ୍କ ମଧ୍ୟରେ ଦୁଇଜଣ ନବରଙ୍ଗପୁର ଜିଲା ନୂଆଗୁଡା ଗ୍ରାମର ଜଗନ୍ନାଥ ପାଇକ ଓ ବୁଡୁ ପାଇକ ହୋଇଥିବା ବେଳେ ଜଣେ କୁମୁଲି କୁମ୍ଭାରଗୁଡା ଗ୍ରାମର ପୀତବାସ ପାଇକ ବୋଲି ଜଣାପଡିଛି। ଅଭିଯୁକ୍ତମାନେ ଘଟଣା ସ୍ଥଳରେ କିପରି ନାବାଳକଙ୍କୁ ହତ୍ୟା କଲେ ତାହାର ଡେମୋ ପୋଲିସକୁ ଦେଖାଇଛନ୍ତି। ହତ୍ୟା ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଘଟିଥିଲା। ଏନେଇ କେସ୍‌ନଂ. ୧୩୬ /୨୨ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା ବୋଲି ଏଏସପି ଦାଶ କହିଛନ୍ତି। ଖବରଦାତା ସମ୍ମିଳନୀରେ ବୋରିଗୁମ୍ମା ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ଦୀପ ସ୍ୱାଇଁ ,ଏସଆଇ ସୁରେନ୍ଦ୍ର ସେଠୀ ,ଏସଆଇ ଶ୍ରୀମତୀ ମାଝୀ, ଏଏସଆଇ ଶ୍ୟାମ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରାବାସ ଟଙ୍କା ଉଠାଇ ପାରୁନାହାନ୍ତି ମଙ୍ଗଳ ବିଭାଗ ଶିକ୍ଷକ

ମୁନିଗୁଡ଼ା, ୧୮।୧୦(ଡି.ଏନ୍.ଏ.)

■ ବିଭାଗୀୟ ଅଧିକାରୀ ଅଧିକାଂଶ ଦିନ ଛୁଟିରେ ରହୁଥିବା ଅଭିଯୋଗ
■ ଚେକ୍ ଦସ୍ତଖତ ପାଇଁ ଟଙ୍କା ମାଗୁଥିବା ନେଇ ଶିକ୍ଷକଙ୍କ ଅଭିଯୋଗ

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅଧୀନରେ ଥିବା ୬ଟି ସେବାଶ୍ରମ, ୩ଟି ଆଶ୍ରମ ଓ୨ଟି କନ୍ୟାଶ୍ରମ ଛାତ୍ରାବାସ ପରିଚାଳନା ପାଇଁ ଆସୁଥିବା ଅର୍ଥ ବ୍ୟାଙ୍କରୁ ଉଠାଇ ପାରୁନାହାନ୍ତି ଶିକ୍ଷକ। ଦୋକାନୀମାନେ ସ୍କୁଲକୁ ଦେଇଥିବା ସଉଦା, ପନିପରିବା ଆଦିର ପଇସା ମାଗୁଥିବା ସେମାନେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଅଧିକାଂଶ ସମୟ ଛୁଟିରେ ରହୁଥିବାରୁ ଏପରି ସମସ୍ୟା ହେଉଛି ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ମୁନିଗୁଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁ ଅବସର ପରେ ବିଷମକଟକ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁପ୍ରଭା ସାସ୍ମଲ ଏହି ଦାୟିତ୍ୱରେ ଅଛନ୍ତି। ସେ କିନ୍ତୁ ଅଧିକାଂଶ ସମୟରେ ଛୁଟିରେ ରହୁଛନ୍ତି। ମଙ୍ଗଳ ବିଭାଗ ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ବ୍ଲକକୁ ଦୌଡି ଦୌଡି ହଇରାଣ ହେଉଛନ୍ତି। ଚେକ୍ ଦସ୍ତଖତ କରିବା ପାଇଁ ପ୍ରତ୍ୟେକ ମଙ୍ଗଳ ବିଭାଗର ଛାତ୍ରାବାସରୁ ମାସିକ ଏକ ହଜାର ଲେଖାଏ ଅଧିକାରୀ ଜଣଙ୍କ ମାଗୁଛନ୍ତି। ଟଙ୍କା ନ ଦେଲେ ଦସ୍ତଖତ ନ କରି ହଇରାଣ କରୁଥିବା କେତେଜଣ ଶିକ୍ଷକ ନିଜର ନାମ ପ୍ରକାଶ ନକରି ଅଭିଯୋଗ କରିଛନ୍ତି। ଏ ନେଇ ମୁନିଗୁଡ଼ା ବ୍ଲକ ଦାୟିତ୍ୱରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁପ୍ରଭା ସାସ୍ମଲଙ୍କୁ ପଚାରିବାରୁ ଦେହ ଖରାପ ଯୋଗୁ ମୁଁ ଛୁଟିରେ ରହୁଥିଲି। ବିଷମକଟକ ଓ ମୁନିଗୁଡ଼ା ବ୍ଲକ ଦାୟିତ୍ୱରେ ରହୁଥିବାରୁ କାର୍ଯ୍ୟାଳୟରେ ବସି କାମ କରିବା କଷ୍ଟ ବୋଲି ସେ କହିଛନ୍ତି। ଚେକ୍ ଦସ୍ତଖତ ପାଇଁ ଟଙ୍କା ମାଗିବା ଘଟଣା ମିଛ ବୋଲି ସେ କହିଛନ୍ତି।

# କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ଚନ୍ଦାହାଣ୍ଡି, ୧୮।୧୦(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଧାନ ଫସଲ ବିଭିନ୍ନ ପ୍ରଜାତିର ପୋକ ପାଇଁ ଫସଲ ନଷ୍ଟ ହେଉଛି। ମଙ୍ଗଳବାର ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ ଏବଂ କୃଷି ଅଧିଦର୍ଶକ ଅଭିରାମ ଗୌଡ଼ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଅଧିକାରୀମାନେ ଚନ୍ଦାହାଣ୍ଡି ବ୍ଲକର ଶରଧାପୁର, ବେହେରାମୁଣ୍ଡା, ଧୋଡ଼ିପାଣି ପଞ୍ଚାୟତର ଝରାବାହାଲ, ବେଲମାଝିଗୁଡା, ଦଣ୍ଡାମୁଣ୍ଡା, ଧୋଡ଼ିପାଣି, ଡ଼ଙ୍ଗରିଗୁଡା, ଫଟାମୁଣ୍ଡା ଓ ଫଲସାପାଡ଼ା ଗ୍ରାମ ଗସ୍ତ କରି ଧାନ ଫସଲରେ ଲାଗିଥିବା ମାଟିଆଗୁଣ୍ଡି, କାଣ୍ଡବିନ୍ଧା ଓ କେଣ୍ଡା ଅଷ୍ଟପଦି ଆଦି ପୋକର ଚିହ୍ନଟ କରି ଚାଷୀମାନଙ୍କୁ ସଠିକ ମାତ୍ରାରେ ଉପଯୁକ୍ତ କୀଟନାଶକ ପ୍ରୟୋଗ ନେଇ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ଚାଷୀଙ୍କୁ କୃଷକ ଓଡିଶା ପୋର୍ଟାଲରେ ପଞ୍ଜିକରଣ ଓ ସଫଳ ଆପ ବିଷୟରେ ଅବଗତ କରାଇଥିଲେ।

# ରାଜ୍ୟରେ ପ୍ରଥମ କରି ପାଳିତ ହେବ ଭିନ୍ନକ୍ଷମ ଯତ୍ନକାରୀ ଦିବସ

କୋରାପୁଟ,୧୮।୮(ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ବୁଧବାର ରାଜ୍ୟରେ ପ୍ରଥମ ଥର କରି କୋରାପୁଟରେ ପାଳନ ହେବାକୁ ଯାଉଛି ଭିନ୍ନକ୍ଷମ ଯତ୍ନକାରୀ ଦିବସ। ଯତ୍ନକାରୀଙ୍କ ସୁରକ୍ଷା ସହ ସେମାନଙ୍କ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟର ବିକାଶ ଏହାର ମୁଖ୍ୟ ଉଦେଶ୍ୟ ବୋଲି ମଙ୍ଗଳବାର ସ୍ଥାନୀୟ କୋଟସ ସଭାଗୃହ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶହୀଦ ଲକ୍ଷ୍ମଣ ନାୟକ ଜିଲା ଭିନ୍ନକ୍ଷମ ଯତ୍ନକାରୀ ମହାସଂଘ ସଭାପତି ଧନୁର୍ଜୟ ଖରା ସୂଚନା ଦେଇଛନ୍ତି। ଭାରତରେ ଆନ୍ଧ୍ର, ଝାଡଖଣ୍ଡ, କର୍ଣ୍ଣାଟକ, ଓଡିଶା ସମେତ ୬ଟି ରାଜ୍ୟରେ ଏହା ପ୍ରଥମ କରି ପାଳନ ହେବାକୁ ଯାଉଛି। କୋରାପୁଟ ଜିଲାରେ ଭିନ୍ନକ୍ଷମ ଯତ୍ନକାରୀ ମହାସଂଘ ଅଧୀନରେ ଥିବା କୋରାପୁଟ ଜିଲାର ୮ଟି ବ୍ଲକର ଭିନ୍ନକ୍ଷମ ଯତ୍ନକାରୀ କୋରାପୁଟ ଜିଲା ସଦର ମହକୁମାରେ ପହଞ୍ଚି ଶୋଭାଯାତ୍ରା ସହ ସେମାନଙ୍କ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିବେ । ଜିଲାରେ ଥିବା ଏକତା, ସ୍ପ୍ରେଡ, ୱାର୍ଡ ସଂସ୍ଥାର ମିଳିତ ଉଦ୍ୟମରେ ଜିଲାରେ ଭିନ୍ନକ୍ଷମ ଯତ୍ନକାରୀଙ୍କ ସାମାଗ୍ରିକ ବିକାଶ ଲକ୍ଷ୍ୟରେ କାର୍ଯ୍ୟ କରି ଆସୁଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ମହାସଂଘର ସମ୍ପାଦକ ରତନୀ ଜାନି, ବରିଷ୍ଠ ସଦସ୍ୟା ସବିତା ସାଉନ୍ତା, ଏକତା ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର, ସ୍ପ୍ରେଡ ଅନୁଷ୍ଠାନର ସମ୍ପାଦକ ବିଦ୍ୟୁତ ମହାନ୍ତି, ୱାର୍ଡ ଅନୁଷ୍ଠାନର ସମ୍ପାଦିକା ରାଇଚେଲ ରାଇ କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାଣୀ ଚିକିତ୍ସାଳୟରେ ସେବା ଆଶ୍ରୟଗୃହ କରିବାକୁ ଦାବି

କୋରାପୁଟ,୧୮।୧୦(ସ୍ୱ.ପ୍ର.)- କୋରାପୁଟ ଜିଲା ପ୍ରାଣୀ ଚିକିତ୍ସାଳୟ ପରିସରରେ ଗୃହପାଳିତ ପଶୁ ଏବଂ ବୁଲା ଗୋରୁଙ୍କ ଚିକିତ୍ସା ଲାଗି ଆଶ୍ରୟଗୃହ କରାଯିବା ଓ ଗୋ ଖାଦ୍ୟ ବ୍ୟବସ୍ଥା କରିବାକୁ ଭାଜପା ପକ୍ଷରୁ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝିଙ୍କୁ କୋରାପୁଟ ମଣ୍ଡଳ ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲିଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ଭାଜପାର ରାଜ୍ୟ ଏସ୍‌ସି ମୋର୍ଚ୍ଚାର ସମ୍ପାଦକ ଜି. ସଞ୍ଜୀବ କୁମାର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା ପୂର୍ଣ୍ଣିମା ନାୟକ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଭାଗୀରଥି ପାଟନିଆ, ଜିଲା କୋଷାଧ୍ୟକ୍ଷ ତ୍ରିନାଥ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଉଦ୍‌ଘାଟନୀ ମ୍ୟାଚରେ ଦଙ୍ଗାରଭେଜା ବିଜୟୀ

ନବରଙ୍ଗପୁର,୧୮।୧୦(ବି.ପ୍ର.)

**ଦିଲୀପ ମାଝି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ତେନ୍ତୁଲିଖୁଣ୍ଟି ବ୍ଲକର ବିଜରାଗୁଡା ବାଳିକା ବିଦ୍ୟାଳୟ ନିକଟସ୍ଥ ପଡିଆରେ ଦିଲ୍ଲୀପ ମାଝି ସ୍ମାରକୀ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ତେନ୍ତୁଲିଖୁଣ୍ଟି ବ୍ଲକ ଅଧକ୍ଷ ନୀଳାଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସ୍ଥାନୀୟ ସରପଞ୍ଚ ରତ୍ନା ଜାନୀ, ସମିତି ସଭ୍ୟ ଜିତେନ୍ଦ୍ର କର୍କରା, କଂଗରା ସରପଞ୍ଚ ଦୁର୍ଯ୍ୟ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ସିନ୍ଧିଗୁଡା ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୫୭ ରନ କରିଥିଲା। ଜବାବରେ ଦଙ୍ଗାରଭେଜା ଦଳ ୮ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଏହି ମ୍ୟାଚରେ ସୁଶୀଲ କୁମାର ୨୦ ବଲରେ ସର୍ବାଧିକ ୪୯ ରନ କରିଥିଲେ। ମ୍ୟାଚକୁ କିଶୋର ଖଣ୍ଡପାନ, ଭବାନୀ ଶଙ୍କର ମାଝି ପରିଚାଳନା କରିଥିଲେ । ଥବିର ହରିଜନ, ଜିତେନ୍ଦ୍ର ଖଣ୍ଡପାନ, ଆଶିଷ ମାଝି, କିଶୋର ଖଣ୍ଡପାନ, ଭୁଜବଳ ବାଘ, ନୀର ମାଝି ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବ୍ଲକର ୧୬ଟି ଦଳ ଭାଗ ନେଇଛନ୍ତି। ୨୪ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବିଜେଡି ପକ୍ଷରୁ ଚାରାରୋପଣ


ଚାରାରୋପଣରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା ଓ କର୍ମୀ।

ଜୟପୁର, ୧୮।୧୦(ନି.ପ୍ର.)

କୁମ୍ଭାରସାହିସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ମଙ୍ଗଳବାର ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ଉପାଧ୍ୟକ୍ଷ ରାଧା ଗୋବିନ୍ଦ ସାମନ୍ତରାୟ ଯୋଗଦେଇଥିଲେ। ବରିଷ୍ଠ ବିଜେଡି ନେତା ସୂର୍ଯ୍ୟନାରାୟଣ ରଥ, ପୌର ଉପାଧ୍ୟକ୍ଷ ବି. ସୁନିତା, ଛାତ୍ର ଜିଲା ସଭାପତି ଆଶିଷ ପଣ୍ଡା, ଟାଉନ ଯୁବ ସଭାପତି ସୀମାଞ୍ଚଳ ବିଷୋୟୀ, ଟାଉନ ମହିଳା ସଭାନେତ୍ରୀ ଶିଳ୍ପା ପାଣି , ହିମାଂଶୁ ମହାପାତ୍ର, ରମାକାନ୍ତ ରାଉଳ, କୁନି ଅଧିକାରୀ, ବାପି ପରିଡ଼ା, ଇନ୍ଦିରା ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଅଳା, ନିମ୍ବ, ଆମ୍ବ, ରଜନୀଗନ୍ଧା ଚାରା ରୋପଣ କରାଯାଇଥିଲା ।

# ଜଙ୍ଗଲ ଜମି ପଟ୍ଟାକୁ ଅନ୍‌ଲାଇନରେ ଛାଡିବାକୁ ଦାବି କଲେ ହିତାଧିକାରୀ

ମାଲକାନଗିରି,୧୮।୧୦(ଡି.ଏନ.ଏ.)


ଦାବିପତ୍ର ଦେବାକୁ ଆସିଥିବା ହିତାଧିକାରୀମାନେ।

ଜଙ୍ଗଲ ଜମି ପଟ୍ଟାକୁ ଅନ୍‌ଲାଇନରେ ଛାଡିବା ସହ ସମସ୍ତଙ୍କୁ ନେଟ୍ ପଟ୍ଟା ଯୋଗାଇବା ଦାବି ନେଇ ୩ଟି ପଞ୍ଚାୟତର ଶତାଧିକ ହିତାଧିକାରୀ ମଙ୍ଗଳବାର ମାଲକାନଗିରି ଡିଏଫଓ ଏବଂ ସହକାରୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା, କାମବେଡା ପଞ୍ଚାୟତ ଓ ମାଲକାନଗିରି ବ୍ଲକର ଗୌଡ଼ଗୁଡ଼ା ପଞ୍ଚାୟତର ଶତାଧିକ ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମିପଟ୍ଟା ଓ ସଂରକ୍ଷିତ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ବନ ବିଭାଗ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲ ଜମିପଟ୍ଟାଗୁଡିକ ଅନ୍‌ଲାଇନ ମାଧ୍ୟମରେ ଦେଖାଉ ନ ଥିବାରୁ ହିତାଧିକାରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି କୌଣସି କାରଣବଶତଃ ବନବିଭାଗର ସଂରକ୍ଷିତ ଜଙ୍ଗଲ ଜମିପଟ୍ଟା ହଜିଯାଏ କିମ୍ବା ନଷ୍ଟ ହୋଇଗଲେ ପୁନର୍ବାର ଏହାକୁ ଅନ୍‌ଲାଇନ ମାଧ୍ୟମରେ ଦେଖିବା ସୁବିଧା ନାହିଁ। ଫଳରେ ଧାନମଣ୍ଡି ସମୟରେ କିମ୍ବା ପିଲାମାନଙ୍କ ଶିକ୍ଷା ଓ ଅନ୍ୟାନ୍ୟ ସମୟରେ ଏହି ଜମିପଟ୍ଟାକୁ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନଲାଇନ ମାଧ୍ୟମରେ ସଂରକ୍ଷିତ ଜଙ୍ଗଲ ଜମି ପଟ୍ଟା ଦେଖାଇବା, ସମସ୍ତଙ୍କୁ ନେଟ୍ ପଟ୍ଟା ଯୋଗାଇଦେବାକୁ ଦାବି କରି ଶତାଧିକ ଆଦିବାସୀ ହିତାଧିକାରୀ ଡିଏଫଓ ଏବଂ ଜିଲା ପ୍ରଶାସନକୁ ଭେଟି ଦାବିପତ୍ର ଦେଇଛନ୍ତି।

# ଗୀତା ଆବୃତ୍ତି ପ୍ରତିଯୋଗିତା

ମାଲକାନଗିରି,୧୮।୧୦(ଡି.ଏନ୍.ଏ.)- ପ୍ରଜ୍ଞାନ ମିଶନ ଆନୁକୁଲ୍ୟରେ ଏକ ଗୀତା ଆବୃତ୍ତି ପ୍ରତିଯୋଗିତା ମାଲକାନଗିରି ସ୍ଥିତ ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ସ୍ତରରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରର ଶତାଧିକ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ। ଭୁବନାନନ୍ଦ ସାହୁ, ଗୋପବନ୍ଧୁ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସରୋଜ ଦାଶ, ଅନନ୍ତ ନନ୍ଦ, ଉମେଶ ଚନ୍ଦ୍ର ମେହେର, ରବୀନ୍ଦ୍ର ମହାରଣା, ଶିକ୍ଷୟିତ୍ରୀ ପ୍ରତିମା ନାୟକ, ସୁଷମା ପରିଡ଼ା ମଞ୍ଚାସୀନ ଥିଲେ ।

# ବିୟର ପାର୍ଲରକୁ ଅନ୍‌ସପ୍‌ରେ ପରିଣତ ନ କରିବା ଲାଗି ମହିଳାଙ୍କ ଦାବି

ମାଲକାନଗିରି,୧୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପଞ୍ଚାୟତର ଅନେକ ମହିଳା ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଉଦୁଲିବେଡା ପଞ୍ଚାୟତ ମାଲକାନଗିରିଠାରୁ ଜୟପୁର ଯିବା ରାସ୍ତାରେ ଗୋବିନ୍ଦପାଲ୍ଲି ଛକ ନିକଟରେ ଅବସ୍ଥିତ। ଗୋବିନ୍ଦପାଲ୍ଲି ଛକ ନିକଟରେ ଏକ ବିୟର ପାର୍ଲର ଓ୍ୱପି ବନ୍ଦ ଦୋକାନ ରହିଛି। ଏହି ଦୋକାନର ଆଖପାଖରେ ବହୁ ଦୋକାନ ବଜାର, ଘରଦ୍ୱାର ରହିବା ସହ ଦୋକାନଠାରୁ ମାତ୍ର ୨୦୦ ମିଟର ଦୂରରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ରହିଛି। ଏହି ଛକର ଅନ୍ୟ ପାର୍ଶ୍ୱରେ ମେଣ୍ଟୁଲି, ମହୁପଦର ଗ୍ରାମକୁ ଯିବାକୁ ରାସ୍ତା ମଧ୍ୟ ଅଛି। ଗୋବିନ୍ଦପାଲ୍ଲିର ଏହି ରାସ୍ତା ଦେଇ ସବୁ ସମୟରେ ଶହ ଶହ ଗାଡି ମୋଟର ଯିବା ଆସିବା କରୁଛି। ଏଠାରେ ଏକ ବିୟର ପାର୍ଲର ଓ୍ୱପି ବନ୍ଦ ଦୋକାନ ଥିବା ଯୋଗୁ ସବୁ ସମୟରେ ବିଭିନ୍ନ ଲୋକ ମଦ୍ୟପାନ କରି ଗଣ୍ଡଗୋଳ କରିବା, ପାଟିତୁଣ୍ଡ କରିବା ଭଳି ସମସ୍ୟା ଉପୁଜୁଛି। ଏହି ଦୋକାନ ବର୍ତ୍ତମାନ ବିୟର ପାର୍ଲର ଓ୍ୱପି ଖୋଲା ଦୋକାନରେ ପରିଣତ ହେବାକୁ ଯାଉଛି। ଯଦି ଏହାକୁ ଓ୍ୱପି ଖୋଲା ଦୋକାନରେ ପରିବର୍ତ୍ତନ କରାଗଲେ ଉକ୍ତ ଅଞ୍ଚଳରେ ମଦ୍ୟପାନ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧିପାଇବ। ଏଣୁ ଏହିବିୟର ପାର୍ଲରକୁ ଓ୍ୱପି ଖୋଲା ଦୋକାନରେ ପରିଣତ କରିବା ଲାଗି ଅନୁମତି ନ ଦେବାକୁ ମହିଳାମାନେ ପ୍ରଦତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।


ମହିଳାମାନେ ଦାବିପତ୍ର ଦେଉଛନ୍ତି।

# ସ୍ୱାଭିମାନ ଅଞ୍ଚଳର ଜୁମଡାରେ ବ୍ଲକ ପ୍ରଶାସନ

ଚିତ୍ରକୋଣ୍ଡା,୧୮।(ଡି.ଏନ.ଏ.)


ଜୁମଡାରେ ପହଞ୍ଚିଥିବା ବ୍ଲକ ପ୍ରଶାସନର ଅଧିକାରୀମାନେ ।

ଆନ୍ଧ୍ର-ଓଡିଶା ସୀମାନ୍ତ ଆଦିବାସୀ ବହୁଳ ଉପାନ୍ତ ଗ୍ରାମ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତର ଦୁର୍ଗମ ଜୁମଡାଙ୍ଗ ଗ୍ରାମରେ ମଙ୍ଗଳବାର ବ୍ଲକ ପ୍ରଶାସନର ଅଧିକାରୀମାନେ ପହଞ୍ଚିଛନ୍ତି। ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲଙ୍କ ନେତୃତ୍ୱରେ ବିଡ଼ିଓ ରଘୁନାଥ ମୁଣ୍ଡାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନେ ଜୁମଡାଙ୍ଗ ଗସ୍ତ କରି ଉକ୍ତ ଗ୍ରାମକୁ ରାସ୍ତା, ଆବାସ ଘର, ବିଦ୍ୟୁତ ସଂଯୋଗ ,ପାନୀୟ ଜଳ ପ୍ରକଳ୍ପ ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ସହ ବସି ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ସୀମାନ୍ତରେ ଥିବା ଜୁମଡାଙ୍ଗ ଗ୍ରାମବାସୀଙ୍କୁ କିଛି ଦିନ ତଳେ ପଡୋଶୀ ଆନ୍ଧ୍ର ପାନୀୟ ଜଳ, ବିଦ୍ୟୁତ ଭଳି କେତେକ ସୁବିଧା ଯୋଗାଇ ହାତେଇବାକୁ ଉଦ୍ୟମ କରିଥିଲା। ଏନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଏହି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଭତ୍ତା, ରାଶନ ସାମଗ୍ରୀ, ଆଧାର କାର୍ଡ, ଜବକାର୍ଡ ବଣ୍ଟନ, ଏମଜିଏନଆରଇଜିଏସରେ ଲୋକଙ୍କୁ କାମ, ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିବା ସହ ଗ୍ରାମରେ ୬ଟି ଷ୍ଟ୍ରିଟ ଲାଇଟ ଲଗାଇଥିଲେ। ପିଲା ପାଠ ପଢିବାକୁ ବହି ଯୋଗାଇ ଦେଇ ଅସ୍ଥାୟୀ ବିଦ୍ୟାଳୟ ଖୋଲିଥିଲେ।

